# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୧୧.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ମିହିର କୁମାର ରାଉତ, ଚେୟାରମ୍ୟାନ୍,
୨. ମୋନାଲିସା ବେହେରା,
୩. ଶ୍ରୀ ଅପରୂପ ନାରାୟଣ ରାଉତ,
୪. ଶ୍ରୀ ରଶ୍ମି ରଞ୍ଜନ ପାଟଶାଣୀ,
୫. ଶ୍ରୀ ରାମଚନ୍ଦ୍ର ରଣସିଂହ

ଅଦ୍ୟ ତା ୧୭.୧୧.୨୦୨୨ ରିଖ ପୂର୍ବାହ୍ନ ଘ. ୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ମିହିର କୁମାର ରାଉତ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ସ୍କୁଲ୍ ଗୁଡ଼ିକର ଯେଉଁ କାର୍ଯ୍ୟର ଆବଶ୍ୟକତା ଅଛି, ତାହାର ତାଲିକା କର୍ପୋରେଟରମାନେ ଦେଲେ ତାହାକୁ ନଗର ଶିକ୍ଷା ଅଧିକାରୀ, ଭୁବନେଶ୍ୱରଙ୍କ ନିକଟକୁ ପଠାଇବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ପୂର୍ବ ବର୍ଷ ଭଳି ସ୍ମାର୍ଟ ଜନପଥରେ ପଥ ଉତ୍ସବ ପାଳନ କରିବା ପାଇଁ ଗତ ତା ୨୮.୧୦.୨୦୨୨ ରିଖ କର୍ପୋରେସନ ବୈଠକରେ ନିଷ୍ପତି ହୋଇଥିଲା । ଏହି କାର୍ଯ୍ୟ ଆସନ୍ତା ଡ଼ିସେମ୍ବର ମାସରେ ଆରମ୍ଭ କରିବା ଏବଂ ବିଭିନ୍ନ ବିଭାଗ ସହିତ ସମନ୍ୱୟ ରକ୍ଷା କରିବା ପାଇଁ ଏକ କମିଟି ଗଠନ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୧.୨୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମିହିର କୁମାର ରାଉତ
ସଭାପତି
ତା ୧୭.୧୧.୨୦୨୨ ରିଖ